## ସଂକ୍ଷେପରେ

### ପୋଖରୀରେ ବୁଡ଼ି ୨ ଶିଶୁଙ୍କ ଜୀବନ ଗଲା

ବାଲିଆପାଳ/ବସ୍ତା, ୩୧।୯(ସ୍ୱ.ପ୍ର./ଡି.ଏନ.ଏ.)-ବାଲେଶ୍ୱର ଜିଲାର ପୃଥକ ସ୍ଥାନରେ ପୋଖରୀରେ ବୁଡି ୨ଶିଶୁଙ୍କ ଜୀବନ ଯାଇଛି। ମୃତ ଶିଶୁଦ୍ୱୟ ହେଲେ ବାଲିଆପାଳ ଥାନା ଆଠବାଟିଆ ଗ୍ରାମର ସିଦ୍ଧାର୍ଥ ସାହୁଙ୍କ ୨ ବର୍ଷର ପୁଅ ବିଶ୍ୱଜିତ୍, ବସ୍ତା ବ୍ଲକ ନାରଗୋଦା ଗାଁର ୩ ବର୍ଷର ପୁଅ କୃଷ୍ଣ।

ବିଶ୍ୱଜିତ ମା' ସୁମିତାଙ୍କ ସହ ସୋମବାର ସିଂଲା ଥାନା ସାହାଡ଼ା ଗ୍ରାମସ୍ଥିତ ମାମୁଘର ଖଗେନ୍ଦ୍ର ନାଥ ସାହୁଙ୍କ ଘରକୁ ବୁଲିବା ପାଇଁ ଯାଇଥିଲେ। ଶୁକ୍ରବାର ଘରକୁ ଫେରିବାର ଥିଲା। ସକାଳେ ସୁମିତା ସାନଭାଇ ପାଖରେ ପୁଅକୁ ଛାଡ଼ି ପୋଖରୀକୁ ଶୌଚ ହେବା ପାଇଁ ଯାଇଥିଲେ। ସାନ ମାମୁ ଗେମରେ ମଜିଯାଇଥିବା ବେଳେ ଭଣଜା ବିଶ୍ୱଜିତ ମା'ଙ୍କୁ ଖୋଜିଖୋଜି ଯାଇ ପୋଖରୀରେ ପଡ଼ିଯାଇଥିଲେ। କିଛି ସମୟ ପରେ ମା' ସାନ ଭାଇ ପାଖରେ ପୁଅକୁ ନ ପାଇ ସବୁଆଡ଼େ ଖୋଜାଖୋଜି କରିଥିଲେ। ଶେଷରେ ପରିବାର ଲୋକ ଖୋଜାଖୋଜି କରି ପୁଅକୁ ପୋଖରୀରୁ ଉଦ୍ଧାର କରି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ମାତ୍ର ଡାକ୍ତର ବିଶ୍ୱଜିତକୁ ମୃତ ବୋଲି ଘୋଷଣା କରିଥିଲେ। ଏନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେହିପରି ବସ୍ତା ବ୍ଲକର ନାରଗୋଦା ଗାଁର ଦିବାକର ସାହୁଙ୍କ ନାତି କୃଷ୍ଣ ସମସ୍ତଙ୍କ ଅଜାଣତରେ ସ୍ଥାନୀୟ ପୋଖରୀରେ ପଡିଯାଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ବସ୍ତା ଡାକ୍ତରଖାନାକୁ ନିଆଯାଇଥିଲେ ହେଁ ସେଠାର ଡାକ୍ତର ମୃତ ଘୋଷଣା କରିଥିଲେ।

### ୨ ଚୋରା ମଦ ବେପାରୀ ଗିରଫ

ରୂପସା, ୩୧।୯(ଡି.ଏନ.ଏ.)-ବାଲେଶ୍ୱର ଜିଲା ଅନ୍ତର୍ଗତ ସିଂଲା ଥାନା ଅଞ୍ଚଳରେ ବସ୍ତା ଅବକାରୀ ପୋଲିସ ପକ୍ଷରୁ ଶୁକ୍ରବାର ଚଢ଼ାଉ କରାଯାଇ ୨ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ସାନ ଅସ୍ତି ଗ୍ରାମର କଟିଆ ମାରାଣ୍ଡି ଓ ଚକ ଅର୍ଜୁନି ଗ୍ରାମର ସୁରୁ ମାରାଣ୍ଡି। ସେମାନଙ୍କଠାରୁ ୨୨ବୋତଲ ବିଦେଶୀ ମଦ ଓ ୨୫ ଲିଟର ଦେଶୀ ମଦ ଜବତ ହୋଇଛି। ଅବକାରୀ ଥାନା ଅଧିକାରୀ କୁଳମଣି ମହାରଣାଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରି ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଥିଲା। ଏ ସଂକ୍ରାନ୍ତରେ ଦୁଇଟି ପୃଥକ ମାମଲା (ନଂ.୩୫ ଓ ୩୬/୨୧-୨୨) ରୁଜୁ ହୋଇ ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି।

### ପାରିବାରିକ କହଳରୁ ଆତ୍ମହତ୍ୟା

ସୋର, ୩୧।୯(ଡି.ଏନ.ଏ.)-ସୋର ବ୍ଲକ ନଟାପଡ଼ା ପଞ୍ଚାୟତ ବାଲିପୁର ଗ୍ରାମର ନରେଶ ମଲିକ(୩୩) ନାମକ ଯୁବକ ପାରିବାରିକ କଳହକୁ କେନ୍ଦ୍ର କରି ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ୩ଦିନ ହେଲା ଘର ଭିତରପଟୁ ବନ୍ଦ ରହିବା ଓ ଦୁର୍ଗନ୍ଧ ବାହାରୁଥିବାରୁ ଲୋକମାନେ ସନ୍ଦେହ କରି ପୋଲିସକୁ ଖବର ଦେଇଥିଲେ। ପୋଲିସ ସେଠାରେ ପହଞ୍ଚି କବାଟ ଭାଙ୍ଗି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ନରେଶ ତାଙ୍କ ସ୍ତ୍ରୀଙ୍କ ସହ ଘରେ ରହୁଥିଲେ। କିଛିଦିନ ତଳେ ଉଭୟଙ୍କ ମଧ୍ୟରେ କଳହ ହେବାରୁ ସ୍ତ୍ରୀ ବାପଘରକୁ ଚାଲିଯାଇଥିଲେ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# 'ଚାଷୀମାନେ ଜ୍ଞାନକୌଶଳ ବାଣ୍ଟିଲେ କୃଷିର ପ୍ରଗତି ହେବ'

**ସିମୁଳିଆ, ୩୧।୯(ଡି.ଏନ.ଏ.)**

ସ୍ୱାସ୍ଥ୍ୟ ପାଇଁ ଖାଦ୍ୟ ସାରଣୀରେ ମାଛ ପୁଷ୍ଟିସାର ଯୋଗାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରେ। ତେବେ ବିଭିନ୍ନ ସମସ୍ୟାକୁ ନେଇ ଖାଉଟିମାନଙ୍କୁ ପର୍ଯ୍ୟାପ୍ତ ମାଛ ଚାଷୀମାନେ ଯୋଗାଇ ପାରୁନାହାନ୍ତି। ଫଳରେ ଓଡ଼ିଶାର ଖାଉଟିମାନଙ୍କୁ ପଡ଼ୋଶୀ ଆନ୍ଧ୍ର ଉପରେ ନିର୍ଭର କରିବାକୁ ପଡୁଛି। ଏହାକୁ କେନ୍ଦ୍ରକରି ଶୁକ୍ରବାର ରାଣୀତାଲ କୃଷି ବିଜ୍ଞାନକେନ୍ଦ୍ର ପରିସରରେ ବାଲେଶ୍ୱର ଓ ଭଦ୍ରକ ଜିଲାର ବିଭିନ୍ନ ଉଦ୍ୟୋଗୀମାନଙ୍କୁ ନେଇ 'ମତ୍ସ୍ୟ ଉଦ୍ୟୋଗୀ ସମ୍ମେଳନ' ଅନୁଷ୍ଠିତ ହୋଇଥିଲା। କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡ. ଅରବିନ୍ଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ଚାଷୀ ଓ ବୈଜ୍ଞାନିକମାନଙ୍କ ମଧ୍ୟରେ ଅଧିକ ଅମଳ ପାଇଁ ମୁଣ୍ଡା ଯାଆଁଳ ବ୍ୟବହାର,



'ମତ୍ସ୍ୟ ଉଦ୍ୟୋଗୀ ସମ୍ମେଳନ'ରେ ମତ୍ସ୍ୟବିଜ୍ଞାନୀ ଡ. ଅମ୍ବିକା ପ୍ରସାଦ ନାୟକଙ୍କୁ ସମ୍ମାନିତ କରାଯାଉଛି।

ପୋଖରୀରେ ମାଛମାନଙ୍କ ପାଇଁ ସୁଷମ ଖାଦ୍ୟ ପରିଚାଳନା, ରୋଗ ପୋକ, ମାଛର ସ୍ୱାସ୍ଥ୍ୟ, ପ୍ରତ୍ୟେକ ମାସରେ ଜଳର ଆଲକାଲାଇନ, ପିଏଚ୍ ଆଦି ପରୀକ୍ଷା କରିବା, ଆବଶ୍ୟକ ଚୂନ ବ୍ୟବହାର ସମ୍ପର୍କରେ ଆଲୋଚନା ହୋଇଥିଲା। ଡ. ଅରବିନ୍ଦ ଦାସ ଚାଷର ମାନ ବୃଦ୍ଧି ହେଲେ ଚାଷୀ ସମେତ ରାଜ୍ୟର ଆର୍ଥିକ ଅଭିବୃଦ୍ଧି ସମ୍ଭବ ବୋଲି କହିଥିଲେ। ଏହି ଅବସରରେ ଚାଷୀମାନଙ୍କର ଚାଷ ସମ୍ବନ୍ଧୀୟ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ଓଡ଼ିଶାର ସୁନାମଧନ୍ୟ ଜଳଜୀବ ବିଜ୍ଞାନୀ ତଥା ରାଣୀତାଲ କୃଷି ବିଜ୍ଞାନକେନ୍ଦ୍ରର ପୂର୍ବତନ ମତ୍ସ୍ୟ ବୈଜ୍ଞାନିକ ଡ.

**ମତ୍ସ୍ୟ ଉଦ୍ୟୋଗୀ ସମ୍ମେଳନ**

ଅମ୍ବିକା ପ୍ରସାଦ ନାୟକ ଚାଷୀମାନଙ୍କ ମଧ୍ୟରେ ପରସ୍ପର ଜ୍ଞାନକୌଶଳ ବାଣ୍ଟିଲେ କୃଷିର ପ୍ରଗତି ହେବ ବୋଲି କହିଥିଲେ। ସେହିପରି କୃଷି ବିଜ୍ଞାନ କେନ୍ଦ୍ରର ମତ୍ସ୍ୟବିଜ୍ଞାନୀ ଡ. ବିଶ୍ୱରଞ୍ଜନ ସାମନ୍ତରାୟ ମାଛ ଚାଷୀମାନଙ୍କୁ ସମସ୍ତ ପ୍ରକାର ବୈଷୟିକ ଜ୍ଞାନକୌଶଳ ଯୋଗାଇ ଦିଆଯିବ ବୋଲି କହିଥିଲେ। ଏହି ଅବସରରେ ମତ୍ସ୍ୟବିଜ୍ଞାନୀ ଡ. ଅମ୍ବିକା ପ୍ରସାଦ ନାୟକଙ୍କୁ ଫୁଲତୋଡ଼ା, ମାନପତ୍ର ଓ ଉପଢ଼ୌକନ ମାଧ୍ୟମରେ ସମ୍ମାନିତ କରାଯାଇଥିଲା। ଅନ୍ୟ ବୈଜ୍ଞାନିକଙ୍କ ମଧ୍ୟରେ ଡ. ବିଜୟଲକ୍ଷ୍ମୀ ରାଉତ, ଡ. ଜ୍ୟୋସ୍ନାରାଣୀ ମହାରଣା, ଡ. ଦେବୀପ୍ରସାଦ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। କର୍ମଚାରୀ ସୁଶାନ୍ତ କୁମାର ସିଂ ଅତିଥି ପରିଚୟ ପ୍ରଦାନ ଓ ଡ. ରୋଜାଲିନ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଧାବାଟରେ ଫାଟିଲା ଆମ୍ବୁଲାନ୍ସ ଚକା

## ଷ୍ଟ୍ରେଚରରେ ରୋଗୀଙ୍କୁ ନେଲେ କର୍ମଚାରୀ

**ସଜନାଗଡ଼, ୩୧।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ହସ୍ପିଟାଲକୁ ଶୁକ୍ରବାର ପୂର୍ବାହ୍ନରେ ଜଣେ ରୋଗୀଙ୍କୁ ୧୦୮ ଆମ୍ବୁଲାନ୍ସରେ ଅଣାଯାଉଥିବା ବେଳେ ନୀଳଗିରି ବଜାରରେ ଆମ୍ବୁଲାନ୍ସର ପଛ ଚକା ଫାଟିଯାଇଥିଲା। ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତିଯାଇଥିଲେ ରୋଗୀ ଓ ୧୦୮ କର୍ମଚାରୀ। ପରେ ରୋଗୀଙ୍କୁ ଚଲାଇ ଚଲାଇ ହସ୍ପିଟାଲ ନିଆଯାଉଥିବା ବେଳେ କେତେକ ଗଣମାଧ୍ୟମ ପ୍ରତିନିଧି ଦେଖିଦେବାରୁ କର୍ମଚାରୀମାନେ ନିଜ ଦୋଷ ସୁଧାରି ଷ୍ଟ୍ରେଚରରେ ନେଇଥିଲେ। ଗାଡି ଟାୟାର ଠିକ୍ ନ ଥିବା ଓ ନୂଆ ଷ୍ଟେପିନ୍ ଟାୟାର ନ ରହିବା ରୋଗୀଙ୍କ ଜୀବନ ସହିତ ଖେଳ ସହ ସମାନ। ଏହି ଘଟଣାକୁ ପ୍ରଶାସନ ଗୁରୁତର ସହ ନେବାକୁ ଦାବି ହୋଇଛି।



୧୦୮ ଆମ୍ବୁଲାନ୍ସର ଚକା ମରାମତି କରାଯାଉଛି।

# ମାଷ୍ଟରଟ୍ରେନର ଭାବେ ୫ ବ୍ଲକର ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପ୍ରଶିକ୍ଷଣ



ସୁନାମି ମୁକାବିଲା ନିମନ୍ତେ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ପ୍ରଶିକ୍ଷଣ ଦିଆଯାଉଛି।

**ବାଲେଶ୍ୱର ଅଫିସ, ୩୧।୯**

ବାଲେଶ୍ୱର ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ଆନୁକୂଲ୍ୟରେ ସମ୍ଭାବ୍ୟ ସୁନାମୀ ମୁକାବିଲା ନିମନ୍ତେ ପ୍ରସ୍ତୁତିକୁ ତ୍ୱରାନ୍ୱିତ କରାଯାଇଛି। ସ୍ଥାନୀୟ ସଦ୍‌ଭାବନା ସଭାଗୃହ ଏବଂ ସଦର ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶିକ୍ଷକ ପ୍ରଶିକ୍ଷଣ ଶିବିରରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଭବେଶ କୁମାର ନାୟକ ଅଧ୍ୟକ୍ଷତା କରି ସୁନାମୀ ଭଳି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ପ୍ରାକ୍ ପ୍ରସ୍ତୁତିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିବା ସହିତ ଏହି ପ୍ରଶିକ୍ଷଣ

**ସୁନାମି ମୁକାବିଲା ଲାଗି ପ୍ରସ୍ତୁତି**

ଶିବିର ଆୟୋଜନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଏଥିରେ ୫ଟି ସୁନାମୀପ୍ରବଣ ବ୍ଲକର ୬୩ଟି ଗ୍ରାମରେ ଥିବା ସ୍କୁଲର ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ମାଷ୍ଟରଟ୍ରେନର ହେବା ପାଇଁ ଶିବିରରେ ଯୋଗଦେଇଥିଲେ । ସେମାନେ ନିଜ ନିଜ ସ୍କୁଲରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ସୁନାମୀ ପ୍ରସ୍ତୁତି ଉପରେ ତାଲିମ ଦେବା ସହ ସମସ୍ତଙ୍କୁ ସଚେତନ କରାଇବେ। ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ଶିବିରରେ ଯୋଗ ଦେଇଥିଲେ। ଜିଲା ଜରୁରୀକାଳୀନ ଅଧିକାରୀ ରିଜୱାନା କଅକବ୍, ଓସଡାମା ଜିଲା ପ୍ରକଳ୍ପ ଅଧିକାରୀ ଅବନୀକାନ୍ତ ଭୂୟାଁ ପ୍ରମୁଖ ଉପସ୍ଥିତ ରହି ପ୍ରଶିକ୍ଷାର୍ଥୀମାନଙ୍କ ସହ ଆଲୋଚନା କରିଥିଲେ। ସିଭିଲ ଡିଫେନ୍ସର ମୁଖ୍ୟ ପ୍ରଶିକ୍ଷକ ବିଶ୍ୱରଞ୍ଜନ କୁଅଁର ଏବଂ ଓଡ୍ରାଫର ମୁଖ୍ୟ ପ୍ରଶିକ୍ଷକ ଗୋପାଳ ହେମ୍ବ୍ରମ ସୁନାମୀ ସଚେତନତା, ସୁନାମୀ ସମୟରେ ସତର୍କତା, ସୁରକ୍ଷା ପାଇଁ ପଦକ୍ଷେପ, କୌଶଳ ଆଦି ସମ୍ବନ୍ଧରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଓସଡ଼ାମା ସିଷ୍ଟମ ଏକ୍ସପର୍ଟ ଅରବିନ୍ଦ ରାୟ ତଥ୍ୟଭିତ୍ତିକ ଉପସ୍ଥାପନା କରିଥିଲେ ।

### ଦୁର୍ଘଟଣାରେ ୩ ମହିଳାଙ୍କ ସମେତ ୫ ଆହତ

**ରୂପସା, ୩୧।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବସ୍ତା ଥାନା ଅନ୍ତର୍ଗତ ଗାନ୍ଧିଛକ-ବାଲିଆପାଳ ରାସ୍ତାର ଦରଡ଼ା ଛକ ନିକଟରେ ଶୁକ୍ରବାର ଏକ ଅଟୋ ଓ ବାଇକ ମୁହାଁମୁହିଁ ଧକ୍କା ହେବାରୁ ୩ ମହିଳା ଓ ୨ ଯୁବକ ଗୁରୁତର ଆହତ ହୋଇଛନ୍ତି। ସିଂଲା ଥାନା ତେନ୍ତୁଳା ଗ୍ରାମର ବବି ରାଣୀ ଜେନା, କବିତା ଜେନା ଓ ମମତା ଜେନା ଏକ ଅଟୋ ଯୋଗେ ବସ୍ତା ବ୍ଲକରୁ କାମ ସାରି ଘରକୁ ଫେରୁଥିଲେ। ଦରଡ଼ା ଛକ ନିକଟରେ ସାମ୍ନାପଟୁ ଦ୍ରୁତବେଗରେ ନହଞ୍ଚରା ଗ୍ରାମର ଚିତ୍ତରଞ୍ଜନ ପ୍ରଧାନ ଓ କିରଣ ମହାପାତ୍ର ବାଇକ ଯୋଗେ ଆସୁଥିବା ବେଳେ ଅଟୋ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଅଟୋରେ ଥିବା ୩ଜଣ ମହିଳା ଓ ଦୁଇ ବାଇକ ଆରୋହୀ ଗୁରୁତର ଆହତ ହୋଇଥିଲେ। ସମସ୍ତ ଗୁରୁତରଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ମାତ୍ର ଜଣେ ମହିଳାଙ୍କ ମୁଣ୍ଡରେ ଶକ୍ତ ଭାବେ ଧକ୍କା ହୋଇଥିବା ବେଳେ ଅନ୍ୟ ଜଣେ ମହିଳାଙ୍କ ଛାତିରେ ପ୍ରବଳ ମାଡ଼ ହୋଇଛି। ୨ଜଣଙ୍କୁ ବାଲେଶ୍ୱର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ବସ୍ତା ପୋଲିସ ପହଞ୍ଚି ବାଇକ୍ ଓ ଅଟୋକୁ ଜବତ କରି ତଦନ୍ତ ଜାରି ରଖିଛି।

### ବିଦ୍ୟାଳୟ ପରିଦର୍ଶନ କରି ସମୀକ୍ଷା କଲେ ଜିଲାପାଳ

**ଜଳେଶ୍ୱର, ୩୧।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲାରେ ମୋ ସ୍କୁଲ ଅଭିଯାନରେ ୨୪ଟି ବିଦ୍ୟାଳୟକୁ ୫ଟି ଗ୍ରହଣ କରାଯାଇଥିବା ବେଳେ ଜଳେଶ୍ୱର ବ୍ଲକର ଜମାଲପୁରସ୍ଥିତ ବିଶ୍ୱନାଥ ଏକାଡେମୀ ଓ ଲକ୍ଷ୍ମଣନାଥସ୍ଥିତ ନୋଡ଼ାଲ ଉଚ୍ଚ ବିଦ୍ୟାଳୟକୁ ସରକାର ହାତକୁ ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ସମୀକ୍ଷା ଲାଗି ବିଦ୍ୟାଳୟ ପରିସରରେ ପହଞ୍ଚିଥିଲେ। ରାଜ୍ୟର ଶିକ୍ଷାବିଭାଗ ୪୫ଲକ୍ଷ ଟଙ୍କା ଦେଇଥିବା ବେଳେ ପୁରାତନ ଛାତ୍ର ସଂଘ ଓ ଶୁଭେଚ୍ଛୁମାନେ ୪ଲକ୍ଷ ଟଙ୍କା ଜମା ଦେଇଥିବାରୁ ଅନ୍ୟ୧୨ ଲକ୍ଷ ଟଙ୍କା ସରକାରଙ୍କଠାରୁ ବିଦ୍ୟାଳୟକୁ ମିଳିବ ବୋଲି ଜଣାଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶରେ ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲୁଥିବା ବେଳେ ଆସନ୍ତା ଅକ୍ଟୋବର ୨ ସୁଦ୍ଧା ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏବେ ବିଦ୍ୟାଳୟର ଶ୍ରେଣୀ କୋଠରୀ, ଖେଳପଡିଆ, ପାଠାଗାର, ବିଜ୍ଞାନଗାର, ଶୌଚାଳୟ, ବିଦ୍ୟାଳୟ ହତାର ସୌନ୍ଦର୍ଯ୍ୟକରଣ, ବୃକ୍ଷରୋପଣ, ଡିଜିଟାଲାଇଜେସନ୍, ଶ୍ରେଣୀଗୃହ ଓ ବିଜ୍ଞାନାଗାରକୁ ରାସ୍ତା ନିର୍ମାଣ ଚାଲିଥିବାରୁ ଜିଲାପାଳ ପରିଦର୍ଶନ କରିବା ସହିତ ସମୀକ୍ଷା କରିଥିଲେ। ଉପସ୍ଥିତ ଥିବା ପୂର୍ବତନ ଛାତ୍ର ସଂଘର ସଭାପତି ଖଗେନ୍ଦ୍ର ନାଥ ସାହୁ, ସରପଞ୍ଚ ପ୍ରତିନିଧି ପ୍ରବିର କୁମାର ଦାସ, ସମିତି ସଦସ୍ୟ ପ୍ରତିନିଧି ମଧୁ ସୂଦନ ସେନାପତି, ଅଶୋକ ପରିଡା, ରାଜିବ ପରିଡା, ନିର୍ମଳ ଦାସ, ତପନ ପାଣିଗ୍ରାହୀ, ସପନ ଦାସ, ମନୋରଞ୍ଜନ ପରିଡା, କମଳଲୋଚନ କରିଡା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଜିଲାପାଳଙ୍କ ସହିତ ବିଡ଼ିଓ ଦୀପ୍ତିରଞ୍ଜନ ସେଠୀ, ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।


ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ବିଦ୍ୟାଳୟ ପରିଦର୍ଶନ କରୁଛନ୍ତି।

### ଆଦର୍ଶ ପ୍ରଧାନଶିକ୍ଷକଙ୍କ ପରଲୋକ

**ରୂପସା, ୩୧।୯(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ରୂପସା ଥାନା ଆଙ୍କୋ ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବଂଶୀଧର ବେହେରା(୭୬) ଙ୍କର ଗୁରୁବାର ରାତିରେ ପରଲୋକ ହୋଇଛି। ସେ ଅସୁସ୍ଥ ଥାଇ ଘରେ ଚିକିତ୍ସିତ ହେଉଥିଲେ। ହଠାତ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଗତ ଅଗଷ୍ଟ ୩୧ ତାରିଖରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଶୁକ୍ରବାର ତାଙ୍କ ମୃତଦେହ ଘରକୁ ଅଣାଯିବା ପରେ ବହୁ ଶିକ୍ଷକ, ଛାତ୍ରୀଛାତ୍ର ଓ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# 'ସ୍ୱାଧୀନତା : ସ୍ୱପ୍ନ ଓ ବାସ୍ତବତା' ଡିଜିଟାଲ୍ ସାହିତ୍ୟ ଆସର

**ବାଲେଶ୍ୱର ଅଫିସ, ୩୧।୯**

ବାଲେଶ୍ୱର ସାହିତ୍ୟ ପ୍ରତିଷ୍ଠାନ 'ସୁବର୍ଣ୍ଣଶ୍ରୀ' ପକ୍ଷରୁ 'ସ୍ୱାଧୀନତା : ସ୍ୱପ୍ନ ଓ ବାସ୍ତବତା' ଶୀର୍ଷକ ଉପରେ ଡିଜିଟାଲ୍ ସାହିତ୍ୟ ଆସର ଅନୁଷ୍ଠିତ ହୋଇଛି। କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ କବି ଡ.ଫନୀ ମହାନ୍ତି ଉଦ୍‌ଘାଟନ କରିଥିଲେ।

ଅଧ୍ୟାପିକା ଡ. ଗୀତାଶ୍ରୀ ପ୍ରିୟମ୍ବଦା କାର୍ଯ୍ୟକ୍ରମକୁ ସଞ୍ଚାଳନା କରିଥିବା ବେଳେ ବାଲେଶ୍ୱର, ଜଗତ୍‌ସିଂହପୁର, ଭଦ୍ରକ, ଖୋର୍ଦ୍ଧା, ନୂଆପଡ଼ା ଆଦି ଜିଲାରୁ ନିମନ୍ତ୍ରିତ କବି ଡ. ହରିଶ୍ଚନ୍ଦ୍ର ବେହେରା, ଡ. ଅଭୟ ବାରିକ, ଡ. ରାଧାରଞ୍ଜନ ପଟ୍ଟନାୟକ, ସୈରିନ୍ଧ୍ରି ସାହୁ, ସବିତା ରାଣୀ ବେହେରା, ପ୍ରତିଭା ଖିଲାର, ସୁଜାତା ଗିରି, ସୁଜାତା ରଣା କବିତାପାଠ କରିଥିଲେ। 'ସୁବର୍ଣ୍ଣଶ୍ରୀ'ର ପ୍ରତିଷ୍ଠାତା କବି କାଳୀପଦ ପଣ୍ଡା ସମୟର ଆବଶ୍ୟକତାକୁ ଦେଖି ଡିଜିଟାଲ୍ ପ୍ଲାଟ୍‌ଫର୍ମରେ କବିତାପାଠ ବା ସାହିତ୍ୟ ଆଲୋଚନା କରିବା ଏବେର ପ୍ରାସଙ୍ଗିକତା ହୋଇଥିବାରୁ ଏହା ସାରସ୍ୱତ ବନ୍ଧନକୁ ମଜବୁତ୍ କରିବାରେ ସହାୟକ ହେଉଛି। ତେବେ ବିଷୟଭିତ୍ତିକ କବିତାପାଠ ପ୍ରତି ଶ୍ରୋତାଙ୍କର ଆଗ୍ରହ ରହୁଥିବାରୁ ପ୍ରତିଥର ଗୋଟିଏ ବିଷୟକୁ ଆଧାର କରି ସାହିତ୍ୟ ଆସର ଅନୁଷ୍ଠିତ କରାଯାଉଥିବା କହିଥିଲେ। ଗାଳ୍ପିକ ମାୟାଧର ସରାଫ୍ ଧନ୍ୟବାଦ ଅର୍ପଣ କରିଥିଲେ।

### ୭୫ହଜାର ଟଙ୍କାର କାଠ ଜବତ, ଜଣେ ଗିରଫ

**ଖଇରା, ୩୧।୯(ଡି.ଏନ.ଏ.)**

କୁପାରୀ ବନ ବିଭାଗ ତରଫରୁ ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀ ଷ୍ଟେଟ ବ୍ୟାଙ୍କ ନିକଟରୁ ଗୁରୁବାର ରାତିରେ ଏକ କାଠଗାଡି ଜବତ କରାଯାଇଛି। ଗାଡି ଡ୍ରାଇଭର ଆଗରପଡା ଅଞ୍ଚଳର ପ୍ରଶାନ୍ତ କୁମାର ଜେନାଙ୍କୁ କୋର୍ଟଚାଲାଣ କରାଯାଇଛି । ଉକ୍ତ ପିକଅପ୍ ଭ୍ୟାନ ଶାଳବନ୍ଧ ଓ ପିଆଶାଳ ପଟା ଜବତ କରି ମୟୂରଭଞ୍ଜ କଳମଗଡିଆରୁ ସୋର-କୁପାରୀ ରାସ୍ତା ଦେଇ ଆଗରପଡା ଯାଉଥିବା ବେଳେ କୁପାରୀ ଫରେଷ୍ଟଗାର୍ଡ ସଞ୍ଜୟ ମହାନ୍ତି ଗାଡି ପିଛା କରି ବହୁ ପରିଶ୍ରମ ପରେ ଗାଡି ଧରିବାକୁ ସମର୍ଥ ହୋଇଥିଲେ। କାଠର ଆନୁମାନିକ ମୂଲ୍ୟ ୭୫ହଜାରରୁ ଊର୍ଦ୍ଧ୍ୱ ହେବ ବୋଲି କୁହାଯାଉଛି ।

# ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

**ଜଳେଶ୍ୱର, ୩୧।୯(ଡି.ଏନ.ଏ.)**

ଦେଶରେ କରୋନା କଟକଣା କୋହଳ ହେବା ପରେ ଜୀବନଯାତ୍ରା ଏବେ ସ୍ୱାଭାବିକ ହେବାରେ ଲାଗିଛି। ଲୋକଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଯାଇଥିବାରୁ ଏବେ ସେମାନେ ଦୂରଦୂରାନ୍ତରେ ଥିବା ନିଜର କର୍ମଭୂମିକୁ ଯିବାକୁ ପ୍ରସ୍ତୁତ ହେଲେଣି। ମାତ୍ର ଆବଶ୍ୟକ ଟ୍ରେନ୍ ଚଳାଚଳ କରୁ ନ ଥିବାରୁ ଗମନାଗମନ କଠିନ ସମସ୍ୟା ଦେଖାଦେଇଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକରେ ଥିବା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ପକ୍ଷରୁ ଶୁକ୍ରବାର ରେଳମନ୍ତ୍ରୀଙ୍କୁ ଷ୍ଟେସନ ପରିଚାଳକ ଖଗେନ୍ଦ୍ର ମଣ୍ଡଳଙ୍କ ମାଧ୍ୟମରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସମସ୍ତ ଲୋକାଲ ଟ୍ରେନ୍ ଚାଲୁ କରିବା, ସ୍ୱତନ୍ତ୍ର ଟ୍ରେନ ଆଳରେ ଭଡାବୃଦ୍ଧି ନ କରିବା, ପୂର୍ବପରି ବରିଷ୍ଠ ନାଗରିକ ଓ ମହିଳାମାନଙ୍କ ଲାଗି ରିହାତି ସୁବିଧା ଦେବା, ମାସିକିଆ ଟିକେଟ ଚାଲୁ କରିବା, ଡାଉନ୍ ଉତ୍କଳ ଏକ୍ସପ୍ରେସ୍ ପୂର୍ବପରି ଜଳେଶ୍ୱରରେ ଅଟକିବା ଏବଂ ବରିଷ୍ଠ ନାଗରିକମାନଙ୍କ ପାଇଁ ସ୍ୱତନ୍ତ୍ର ଟିକେଟ କାଉଣ୍ଟର ଖୋଲାଯିବାକୁ ଦାବି କରାଯାଇଛି । ଏହି କାର୍ଯ୍ୟକ୍ରମରେ ସିତାଂଶୁ ସେନାପତି, ଅରୁଣ ବେଜ, ସୁବ୍ରତ ବେରା, ଅପର୍ନା ଚୌଧୁରୀ, ଜୟନାରାୟଣ ଦାସ, ଦିଲୀପ ଗିରି, ଫନିନ୍ଦ୍ର ସେନାପତି, ସିଦ୍ଧେଶ୍ୱର ତ୍ରିପାଠୀ, ଲଳିତ ରଞ୍ଜନ ସେନାପତି, ସୁନୀଲ କୁମାର ଗିରି, ସେକ୍ ଅର୍ଫାନ ଅଲ୍ଲି, ଶ୍ରୀମନ୍ତ ଘୋଷ, ବ୍ରଜେନ୍ଦ୍ର ଘୋଷ, ନାରାୟଣ ଚନ୍ଦ୍ର ପ୍ରଧାନ, ଶକ୍ତିଧର ପଲାଇ, ଅର୍ଦ୍ଧେନ୍ଦୁ ପଲେଇ, ନୀଳମଣି ପ୍ରଧାନ ଓ ଅଖିଳ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।



ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ପକ୍ଷରୁ ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଉଛି।

# ପୂର୍ତ୍ତବିଭାଗ ଅତିଥି ଭବନ ଅସମ୍ପୂର୍ଣ୍ଣ

**ଖଇରା, ୩୧।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡସ୍ଥିତ ପୂର୍ତ୍ତବିଭାଗର ନୂତନ ଅତିଥି ଭବନ ୪ବର୍ଷ ହେଲା ଅଧାପନ୍ତରିଆ ଅବସ୍ଥାରେ ରହିଛି। ତୁରନ୍ତ ଏହାକୁ ସମ୍ପୂର୍ଣ୍ଣ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

ବାହାରୁ ଆସୁଥିବା ବିଭାଗୀୟ ଅଧିକାରୀଙ୍କ ପାଇଁ ଘର ଆବଶ୍ୟକତା ଦୃଷ୍ଟିରୁ ୨୦୧୮ରେ ଗଣ୍ଡିବେଡସ୍ଥିତ ପୂର୍ତ୍ତ ବିଭାଗ କନିଷ୍ଠଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପରିସରରେ ଏକ ଅତିଥିଭବନ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ ଉକ୍ତ ଘର ନିର୍ମାଣ କାର୍ଯ୍ୟ ୨୦୧୯ରେ ଶେଷ ହେବା କଥା । ହେଲେ ଠିକାଦାର ବେପରୁଆ ଭାବେ ଏହାକୁ ଅଧାରୁ ଛାଡି ଚାଲିଯିବା କାରଣରୁ ଅଧାପନ୍ତରିଆ ଅବସ୍ଥାରେ ରହିଛି। ଏଭଳିକୁ ଉକ୍ତ କୋଠାରେ ଅନାବନା ଗଛ ଉଠି ଏବେ ଏହା ଭୂତକୋଠିରେ


ଭୂତକୋଠିରେ ପରିଣତ ହୋଇଛି ଅତିଥିଭବନ।

ପରିଣତ ହେଲାଣି। ତେବେ କାର୍ଯ୍ୟାଦେଶ ପାଇଥିବା ଠିକାଦାର ନିଜେ ନ କରି ଅନ୍ୟ ଜଣେ ସ୍ଥାନୀୟ ଠିକାଦାରଙ୍କୁ ସବଟେଣ୍ଡର ସୂତ୍ରରେ ଦେଇ କାମ କରାଇବା କାରଣରୁ ବର୍ତ୍ତମାନ ଏଭଳି ଅବସ୍ଥା ସୃଷ୍ଟି ହୋଇଛି। ଠିକାଦାରଙ୍କ ଏଭଳି ଖାମଖିଆଲି ନୀତି ବିରୋଧରେ ଉଚ୍ଚପଦସ୍ଥ ଅଧିକାରୀମାନେ ଦୃଢ ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ କାର୍ଯ୍ୟର ଅଗ୍ରଗତିରେ ବାଧା ସୃଷ୍ଟି ହୋଇଥିବା କୁହାଯାଉଛି । ଏ ସମ୍ପର୍କରେ ଗଣ୍ଡିବେଡସ୍ଥିତ ବରିଷ୍ଠ ନାଗରିକ ମଞ୍ଚ ତରଫରୁ ସ୍ଥାନୀୟ ବିଧାୟକ ତଥା ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ

**କାମ ଅଧାରୁ ଛାଡି ପଳାଇଲେ ଠିକାଦାର**

ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କୁ ଗୁରୁବାର ଲିଖିତ ଅଭିଯୋଗ କରାଯିବା ସହ ହସ୍ତକ୍ଷେପ କରି ତୁରନ୍ତ ଘର ପୂର୍ଣ୍ଣାଙ୍ଗ ପାଇଁ ପଦକ୍ଷେପ ନିଆଯିବାକୁ ଅନୁରୋଧ କରାଯାଇଛି । ୩୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ଅତିଥିଭବନ ଏଭଳି ଛାଡି ଦିଆଯିବାରେ ସରକାରଙ୍କ ଲକ୍ଷ୍ୟ ପୂରଣ ହୋଇ ପାରୁ ନ ଥିବା ମଞ୍ଚ ସଦସ୍ୟ ପଦ୍ମଲୋଚନ ଜେନା, ପ୍ରତାପ ଗିରି, ସୁଧାଂଶୁ ଦାସ, ବିଷ୍ଣୁ ପ୍ରସାଦ ନାୟକ, ଅକ୍ଷୟ କୁମାର ଦାସ ଓ ଜିତେନ୍ଦ୍ର କୁମାର ପଣ୍ଡା ପ୍ରମୁଖ କହିଛନ୍ତି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ ହରିଶ ଚନ୍ଦ୍ର ଦ୍ୱାରୀଙ୍କୁ ଯୋଗାଯୋଗ କରାଯିବାରୁ ପୁରୁଣା ଠିକାଦାରଙ୍କ ଟେଣ୍ଡର ବାତିଲ କରି ନୂତନ ଟେଣ୍ଡର କରାଯିବା ବ୍ୟବସ୍ଥା କରାଯାଉଥିବା କହିଛନ୍ତି।

## ୨ ଝାଡ଼ଖଣ୍ଡୀ କାଠ କଟାଳି ଅଟକ

ପାଟଣା, (ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ରେଞ୍ଜ ସାହାରପଡ଼ା ସେକ୍ସନ ରାଇଡିହାବିଟ୍ ଅନ୍ତର୍ଗତ ବରବେଡ଼ା ଗ୍ରାମରେ ଥିବା ଏକ ଶାଳ ଗଛକୁ ଶୁକ୍ରବାର କାଠ ମାଫିଆ କାଟୁଥିବା ବେଳେ ବନ ବିଭାଗ ଚଢ଼ାଉ କରିଛି। ୪ ଶାଳ ଗଣ୍ଡି ଜବତ କରାଯାଇଛି। ବେଆଇନ ଗଛ କାଟିବା ଅଭିଯୋଗରେ ବନ ବିଭାଗ ୨ ଝାଡ଼ଖଣ୍ଡୀ କାଠ କଟାଳିଙ୍କୁ ଅଟକ ରଖିଛି। ସେମାନଙ୍କଠାରୁ ଏକ କରତ ଜବତ ହୋଇଛି। ଜବତ ଶାଳ ଗଣ୍ଡିଗୁଡ଼ିକର ଆନୁମାନିକ ମୂଲ୍ୟ ୫୦ ହଜାରରୁ ଉର୍ଦ୍ଧ୍ୱ ହେବ ବୋଲି ରେଞ୍ଜର ଟିକେଶ୍ୱର ମହାନ୍ତ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଜାତୀୟ ରାଜପଥ ସମ୍ପ୍ରସାରଣ ପାଇଁ ହେବ ବିଦ୍ୟୁତ୍ କାଟ୍

ଭଦ୍ରକ ଅଫିସ, ୩।୯-ଭଦ୍ରକ ସହର ଦେଇ ଯାଇଥିବା ୧୬ନଂ. ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ପାଇଁ ଶନିବାରଠାରୁ ୧୬ଦିନ ଯାଏ ବିଦ୍ୟୁତ୍ କାଟ୍ ହେବ। ଏଥିପାଇଁ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଦୈନିକ ୩ ଘଣ୍ଟା ଅର୍ଥାତ୍ ସକାଳ ୭ଟା ୩୦ରୁ ୧୦ଟା ୩୦ ପର୍ଯ୍ୟନ୍ତ ବିଦ୍ୟୁତ୍ କଟାଯିବ ବୋଲି ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଭାସ ରଞ୍ଜନ ବିଶ୍ୱାଳ ପ୍ରେସ୍ ବିବୃତ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି। ଜାତୀୟ ରାଜପଥ ୪ ଥାକିଆରୁ ୫ ଥାକିଆ ହେଉଥିବା କାରଣରୁ ରାସ୍ତାପାର୍ଶ୍ୱରୁ ବିଦ୍ୟୁତ୍ ଖୁଣ୍ଟ, ତାର, ଟ୍ରାନ୍ସଫର୍ମର ଆଦି ଉଚ୍ଛେଦ ଓ ପୁନଃ ସ୍ଥାପନ କରାଯିବ। ଗେଲପୁରଠାରୁ ରାହାଞ୍ଜ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ଉଚ୍ଛେଦ ଓ ପୁନଃସ୍ଥାପନ କାର୍ଯ୍ୟ ହେବ। ନିର୍ବାହୀ ଯନ୍ତ୍ରୀ ଦେବାଶିଷ ଜେନାଙ୍କ ସୂଚନା ମୁତାବକ ପାଖାପାଖି ୪୦ କି.ମି. ଲମ୍ବର ୧୧ କେଭି ଓ ୧୮ କି.ମି. ଲମ୍ବର ୩୩ କେଭି ତାର ହଟିବ। ଏଥିପାଇଁ ୪୦୦ଟି ଖୁଣ୍ଟ ସହ ୫୫ ଟ୍ରାନ୍ସଫର୍ମର ଉଚ୍ଛେଦ ହେବ। ଏହି କାରଣରୁ ବିଦ୍ୟୁତ୍ କାଟ କରାଯିବ ଏବଂ ଉପଭୋକ୍ତା ଏଥିରେ ସହଯୋଗ କରିବାକୁ ବିଭାଗ ପକ୍ଷରୁ ନିବେଦନ କରାଯାଇଛି।

### ବଧୂହତ୍ୟା ମାମଲା: ସ୍ୱାମୀ ଗିରଫ

ପଦ୍ମପୁର,୩।୯(ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ କଷିଆ ସାମୁଦ୍ରିକ ପୋଲିସ ଏକ ବଧୂହତ୍ୟା ମାମଲାରେ ଅଭିଯୁକ୍ତ ସ୍ୱାମୀଙ୍କୁ ଶୁକ୍ରବାର ଗିରଫ କରିଛି। ସେ ହେଲେ ସାନକୃଷ୍ଣପୁର ଗଦି ଗ୍ରାମର ସତ୍ୟସୁନ୍ଦର ନାୟକ। ଏନେଇ ଥାନାରେ ମାମଲା(ନଂ.୧୧୩/୨୧) ରୁଜୁ ହୋଇଛି। ସୂଚନାଯୋଗ୍ୟ, ବାସୁଦେବପୁର ଥାନା ଅଧୀନ ପଧାନୀ ଗ୍ରାମର ପ୍ରମିଳା ନାୟକ ଦୁଇବର୍ଷ ତଳେ ସତ୍ୟସୁନ୍ଦରଙ୍କୁ ବିବାହ କରିଥିଲେ। ଅଧିକ ଯୌତୁକ ଦାବି କରି ଶାଶୁଘର ଲୋକେ ତାଙ୍କୁ ନିର୍ଯାତନା ଦେଉଥିବା ବାପଘର ଲୋକେ ଅଭିଯୋଗ କରିଆସୁଥିଲେ। ଗତ ୨୫ ତାରିଖରେ ପ୍ରମିଳା ଦେହରେ କିରୋସିନି ଢାଳି ନିଆଁ ଲଗାଇ ଦେଇଥିବା ଶାଶୁଘର ଲୋକେ କହିଥିଲେ। ଭୁବନେଶ୍ୱର ସ୍ଥିତ ଏମ୍ସ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ୩୧ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ବାପଘର ଲୋକଙ୍କ ଅଭିଯୋଗ କ୍ରମେ ଭାରପ୍ରାପ୍ତ ଥାନାଧିକାରୀ ପ୍ରଫୁଲ୍ଲ ମଲ୍ଲିକ ମୃତା ପ୍ରମିଳାଙ୍କ ସ୍ୱାମୀ ସତ୍ୟସୁନ୍ଦରଙ୍କୁ ଗିରଫ କରି ଅପରାହ୍ନରେ କୋର୍ଟ ଚାଲାଣ କରିଛନ୍ତି।

### ଶ୍ରୀଅରବିନ୍ଦଙ୍କ ୧୫୦ତମ ଜନ୍ମବାର୍ଷିକୀ ନିମନ୍ତେ ପ୍ରସ୍ତୁତି

ବାରିପଦା ଅଫିସ, ୩।୯- ମହାଯୋଗୀ ଶ୍ରୀଅରବିନ୍ଦଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ଉପଲକ୍ଷେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର କିଶୋର କୁମାର ବସାଙ୍କୁ ଏହି ପାଳନ କମିଟିର ଅଧକ୍ଷ ମନୋନୀତ କରାଯାଇଛି। ଏହା କିପରି ବର୍ଷତମାମ ପାଳନ କରାଯିବ ସେନେଇ ଆଲୋଚନା ହୋଇଥିଲା। ମୟୂରଭଞ୍ଜ ଜିଲା ଆବାହକ ଗଣେଶ ପ୍ରସାଦ ମହାପାତ୍ର, ଡ. ପ୍ରକାଶ ଚନ୍ଦ୍ର ମହାପାତ୍ର, ପତିତପାବନ ଦତ୍ତ ଓ ପ୍ରଶାନ୍ତ କୁମାର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

# ବ୍ଲକ କାର୍ଯ୍ୟାଳୟରେ ଧସେଇ ପଶିଲେ

### ନୂତନ ପଞ୍ଚାୟତ ଗୃହ ନିର୍ମାଣକୁ ନେଇ ବିବାଦ

ସାରସକଣା,୩।୯(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ସିଲଫୋଡ଼ି ପଞ୍ଚାୟତର ନୂତନ ଗୃହ ନିର୍ମାଣକୁ ନେଇ ବିବାଦ ଲାଗି ରହିଥିବାରୁ ଉତ୍ତେଜନା ପ୍ରକାଶ ପାଇଛି। ଉତ୍ତ୍ୟକ୍ତ ଲୋକେ ଧାରଣା ଦେବା ସହ ବ୍ଲକ କାର୍ଯ୍ୟାଳୟରେ ଧସେଇ ପଶିବା ଚର୍ଚ୍ଚାର ବିଷୟ ହୋଇଛି। ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ବୁଝାଶୁଝା କରୁଥିଲେ ମଧ୍ୟ ଲୋକେ ଯିଦ୍‌ରେ ଅଟଳ ରହିଛନ୍ତି।

ସୂଚନା ଅନୁଯାୟୀ, ୨୦୧୭ରେ ସିଲଫୋଡ଼ି ପଞ୍ଚାୟତ ଗଠନ ହୋଇଥିଲେ ମଧ୍ୟ ଅଦ୍ୟାବଧି ଏହାର କାର୍ଯ୍ୟାଳୟ ଗୃହ ନିର୍ମାଣ ହୋଇ ପାରିନାହିଁ। ଗୃହ ନିର୍ମାଣ ପାଇଁ ସରକାରୀ ଭାବେ ଦୁଇଟି ସ୍ଥାନ ଚିହ୍ନଟ କରାଯାଇଛି। ତେବେ ଏହି ସ୍ଥାନ ଅଧିକାଂଶ ପଞ୍ଚାୟତବାସୀଙ୍କ ପାଇଁ ଦୂର ହେଉଥିବାରୁ ବିବାଦ ସୃଷ୍ଟି ହୋଇଛି। ଫଳରେ କାର୍ଯ୍ୟାଦେଶ ମିଳିଥିଲେ ମଧ୍ୟ ଗୃହ ନିର୍ମାଣ ହୋଇପାରୁନାହିଁ। ଗୁରୁବାର ପଞ୍ଚାୟତର ଶତାଧିକ ମହିଳା ଓ ପୁରୁଷ ସାରସକଣା ବ୍ଲକ କାର୍ଯ୍ୟାଳୟଠାରେ ଧାରଣା ଦେବା ସହ ବିଡିଓ ସଂଗ୍ରାମ କେଶରୀ ଭୋଳଙ୍କୁ ଘେରାଉ କରିଥିଲେ। ଝାରପୋଖରିଆ ଥାନା ପୋଲିସ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲା। ସେହିପରି ଶୁକ୍ରବାର ସକାଳେ ୧୧ ଶତାଧିକ ମହିଳା ଏବଂ ପୁରୁଷ ପୁଣି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ମୁଖ୍ୟ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ। ଖବରପାଇ ସାରସକଣା ତହସିଲଦାର ସତ୍ୟବାନ ନାଏକ, ସଦର ଏସ୍‌ଡିପିଓ କେ.କେ. ହରିପ୍ରସାଦ ଏବଂ ଥାନା ପୋଲିସ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ଲୋକେ ଯିଦ୍‌ରେ ଅଟଳ ରହିଥିଲେ। ଦାବି ଅନୁଯାୟୀ ବିଡିଓ ଘଟଣାସ୍ଥଳକୁ ନ ଆସିବାରୁ ଲୋକେ ଉତ୍ତ୍ୟକ୍ତ ହୋଇ ବ୍ଲକ କାର୍ଯ୍ୟାଳୟ ଭିତରକୁ ଧସେଇ ପଶିଥିଲେ। କାର୍ଯ୍ୟାଳୟ ମଧ୍ୟରେ ଥିବା ସମସ୍ତ କୋଠରୀକୁ ବନ୍ଦ କରିବା ସହିତ କର୍ମଚାରୀମାନଙ୍କୁ ବାହାରକୁ ଆସିବାକୁ କହିଥିଲେ। ତେବେ ବିବାଦର ସମାଧାନ ପାଇଁ ତହସିଲଦାର ପ୍ରତିଶ୍ରୁତି ଦେଇଥିବା ବେଳେ ଖବର ଲେଖା ହେବା ପର୍ଯ୍ୟନ୍ତ ବ୍ଲକ କାର୍ଯ୍ୟାଳୟ ପରିସରରେ ଉତ୍ତେଜନା ଲାଗି ରହିଥିବା ସୂଚନା ମିଳିଛି।


ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଉତ୍ତ୍ୟକ୍ତ ଲୋକେ ହୋହଲ୍ଲା କରୁଛନ୍ତି।

# ଆର୍‌ଆଇ ଅଫିସ ଘେରିଲେ ଭୂମିହୀନ

### ପଟ୍ଟା ପାଇ ବି ଦଖଲ କରିପାରୁନାହାନ୍ତି ଜମି

ପାଟଣା,୩।୯(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ତହସିଲ ଅଧୀନ ତୁରୁମୁଙ୍ଗା ଆର୍‌ଆଇ (ରାଜସ୍ୱ ନିରୀକ୍ଷକ)ଙ୍କ କାର୍ଯ୍ୟାଳୟକୁ ଶୁକ୍ରବାର ତୁରୁମୁଙ୍ଗା ଗ୍ରାମର ଭୂମିହୀନ ହିତାଧିକାରୀମାନେ ଘେରାଉ କରିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ୨୦୦୬ରୁ ରାଜ୍ୟ ସରକାରଙ୍କ ପକ୍ଷରୁ ଉକ୍ତ ଗ୍ରାମର ୪୦ରୁ ଉର୍ଦ୍ଧ୍ୱ ଭୂମିହୀନ ପ୍ରଜାଙ୍କୁ ୪ ଡିସିମିଲ ଜମିର ପଟ୍ଟା ପାଟଣା ତହସିଲ ପକ୍ଷରୁ ଯୋଗାଇ ଦିଆଯାଇଥିଲା। ସରକାର ସେମାନଙ୍କୁ ଯୋଗାଇ ଦେଇଥିବା ଜମିକୁ ପ୍ରଭାବଶାଳୀ ବ୍ୟକ୍ତି କବ୍‌ଜା କରି ଜବରଦଖଲ କରିଛନ୍ତି। ଉକ୍ତ ଜମିରେ ଘର ନିର୍ମାଣ କରିବା ସହ ଗଛ ଲଗାଇଛନ୍ତି। ଫଳରେ ଦୀର୍ଘଦିନରୁ ପଟ୍ଟା ପାଇ ସୁଦ୍ଧା ସେମାନେ ଉକ୍ତ ଜମି ଦଖଲ କରିପାରୁ ନାହାନ୍ତି। ଖବର ପାଇ ତହସିଲଦାର ତାପସ ରଞ୍ଜନ ଦେହୁରୀ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ। ଖୁବ୍‌ଶୀଘ୍ର ସେମାନଙ୍କ ଜମି ଚିହ୍ନଟ କରି ପ୍ରଦାନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।


ତୁରୁମୁଙ୍ଗା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଆଗରେ ଭୂମିହୀନମାନେ।

## ଚୋରି ସାମଗ୍ରୀ ଜବତ, ୨ ଗିରଫ

ରାଇରଙ୍ଗପୁର,୩।୯(ଡି.ଏନ.ଏ)

ମୟୂରଭଞ୍ଜ ଜିଲା ବହଳଦା କୃଷିବିଭାଗ କାର୍ଯ୍ୟାଳୟରୁ ଗତ ଅଗଷ୍ଟ ୧୨ତାରିଖ ବିଳମ୍ବିତ ରାତିରେ ଚୋରି ହୋଇଥିଲା। ଏହି ଘଟଣାରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗୁରୁବାର ବିଳମ୍ବିତ ରାତିରେ ପୋଲିସ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ତିରିଙ୍ଗ ଥାନା ଅନ୍ତର୍ଗତ ସାନଡାଳିମା ଗ୍ରାମର ଜିଜାନନ୍ଦ ମିଶ୍ର ଏବଂ ତାଙ୍କ ସହଯୋଗୀ ରାଜୁ ପାତ୍ର। ସେମାନଙ୍କଠାରୁ କମ୍ପ୍ୟୁଟର ସମେତ ବିଭିନ୍ନ ଚୋରି ସାମଗ୍ରୀ ଜବତ ହୋଇଛି। ଶୁକ୍ରବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

## କଲେଜ ଫାଟକରେ ତାଲା ପକାଇଲେ ଛାତ୍ରୀଛାତ୍ର

ଚିତ୍ରଡ଼ା,୩।୯(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା ମହାବିଦ୍ୟାଳୟର ଯୁକ୍ତ ୨ ଛାତ୍ରୀଛାତ୍ରୀମାନେ ଶୁକ୍ରବାର ମହାବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ। ଚଳିତ ବର୍ଷ ସମସ୍ତ ଯୁକ୍ତ ୨ ଛାତ୍ରୀଛାତ୍ରୀଙ୍କ ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ ଚିତ୍ରଡ଼ା କଲେଜର ୪ଜଣ ଛାତ୍ରୀଛାତ୍ରଙ୍କ ପରୀକ୍ଷା ଫଳ ପ୍ରକାଶ ପାଇନାହିଁ। ଯୁକ୍ତ ୨ କଳା ଛାତ୍ରୀ ରଚନା ସି, ଦେବସ୍ମିତା ବେହେରା, ଭୋକେସନାଲର ଛାତ୍ର ଧନୁରାମ ଟୁଡୁ ଓ ବୈଦ୍ୟନାଥ ଟୁଡୁଙ୍କ ପରୀକ୍ଷା ଫଳ ପ୍ରକାଶ ପାଇନାହିଁ। ଖବରପାଇ ମୋରଡ଼ା ତହସିଲଦାର ଅନନ୍ତ କୁମାର ହାଁସଦା, ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ ପହଞ୍ଚି କଲେଜ ଅଧକ୍ଷ ପ୍ରିୟବ୍ରତ ମିଶ୍ରଙ୍କ ସହ ଆଲୋଚନା କରିଥିଲେ। ତେବେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଅଧିକାରୀ ଯଥାଶୀଘ୍ର ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# କୋର୍ଟ ନିର୍ଦ୍ଦେଶ ଉଲ୍ଲଂଘନ କରି ଗୃହ ନିର୍ମାଣ

ବାରିପଦା ଅଫିସ,୩।୯

ମୟୂରଭଞ୍ଜ ଜିଲା ବାରିପଦା ପୌର ପରିଷଦ ଅଧୀନସ୍ଥ ଜରାଳୀ-ସରାଳୀ ନଦୀଶଯ୍ୟାରେ ବେଆଇନ ଗୃହ ନିର୍ମାଣକୁ ନେଇ ଦେଖାଦେଇଥିବା ବିବାଦ ଥମୁନି। ଅଭିଯୋଗକାରୀ ମଧୁବନ ଉନ୍ନୟନ ପରିଷଦ ପକ୍ଷରୁ ଶୁକ୍ରବାର ପୁଣି ଉପଜିଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ପ୍ରଥମ ଘଟଣାର ଅଭିଯୋଗ ପରେ ଉପଜିଲାପାଳ ଏବଂ ସେସନ ଜଜ୍‌ଙ୍କ ଆଦେଶକୁ ଉଲ୍ଲଂଘନ କରାଯାଇ ପୁନଃ ନିର୍ମାଣ ଚାଲୁରହିଛି ବୋଲି ଅଭିଯୋଗରେ ଦର୍ଶାଇଛନ୍ତି।

ସୂଚନା ଥାଉକି, ନଦୀ ଶଯ୍ୟାର ପଥର ପ୍ୟାକିଂକୁ ଭାଙ୍ଗି ଜବରଦଖଲ ପୂର୍ବକ ଗୃହ ନିର୍ମାଣ କାର୍ଯ୍ୟ ଚାଲିଥିବା ପ୍ରତିବାଦରେ ମଧୁବନ ସିନିଅର ସିଟିଜେନ ଫୋରମର ସଭାପତି ରଘୁନାଥ ପଣ୍ଡାଙ୍କ ସମେତ ସଦସ୍ୟମାନେ ଅଭିଯୋଗ କରିଥିଲେ। ଏହାକୁ ନେଇ ଜିଲାପାଳ ତଦନ୍ତ ନିର୍ଦ୍ଦେଶ ଦେବା ପରେ ତହସିଲ ଓ ମ୍ୟୁନିସିପାଲିଟି ପକ୍ଷରୁ ମିଳିତ ତଦନ୍ତ କରାଯାଇଥିଲା। ରିପୋର୍ଟକୁ ଭିତ୍ତି କରି ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ସି.ଏମ୍.ସି.ନଂ.୨୬/୨୧ ଅନୁଯାୟୀ ବିବାଦୀୟ ଜମିରୁ ନିର୍ମାଣ ସାମଗ୍ରୀ ପ୍ରତ୍ୟାହାର କରିନେବାକୁ ଦଖଲକାରୀଙ୍କୁ ୭ଦିନ ସମୟ ଦିଆଯାଇଥିଲା। ପରବର୍ତ୍ତୀ ଆଦେଶ ଆସିବା ପର୍ଯ୍ୟନ୍ତ ବିବାଦୀୟ ସ୍ଥାନରେ ଦଖଲକାରୀ କୌଣସି ନିର୍ମାଣ କାର୍ଯ୍ୟ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଦଖଲକାରୀ ଜଣକ ଘଟଣାକୁ ନେଇ ସେସନ ଜଜ୍‌ଙ୍କ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ତେବେ ଉଭୟ ଉପଜିଲାପାଳ ଓ ସେସନ ଜଜ୍‌ଙ୍କ ଆଦେଶକୁ ଅମାନ୍ୟ କରିନିର୍ମାଣ କାର୍ଯ୍ୟ ଚାଲୁ ରହିଥିବାରୁ ଅଭିଯୋଗକାରୀମାନେ ପୁନର୍ବାର ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ।

## ଦୁର୍ଘଟଣାରେ ଦାଦା ମୃତ, ପୁତୁରା ଗୁରୁତର

ଢେଙ୍କିକୋଟ, ୩।୯(ଡି.ଏନ.ଏ.)

କେନ୍ଦୁଝର ଜିଲା ଢେଙ୍କିକୋଟ ଫାଣ୍ଡି ଅଧୀନ ସାନ୍ତରାପୁର ପଞ୍ଚାୟତ ରାଇବଣ ସାହି ନିକଟରେ ଶୁକ୍ରବାର ଅପରାହ୍ନରେ ଏକ ବାଇକ୍ ଦୁର୍ଘଟଣା ଘଟି ଦାଦାଙ୍କ ମୃତ୍ୟୁ ଘଟିଥିବା ବେଳେ ପୁତୁରା ଗୁରୁତର ହୋଇଛନ୍ତି। ମୃତକ ହେଲେ ସଦର ଥାନା ଅନ୍ତର୍ଗତ କାଠବାରୀ ପଞ୍ଚାୟତ କୁମୁଳାବାହାଲି ଗ୍ରାମର ଲୋଚନ ମହାନ୍ତ (୬୦) ଓ ଗୁରୁତର ତାଙ୍କ ସମ୍ପର୍କୀୟ ପୁତୁରା ଘଟଗାଁ ଥାନା ପୋହ୍ଲାଣ ଘାଟି ପଞ୍ଚାୟତ କୁମୁଳାବହାଳି ଗ୍ରାମର ଗୁଲୁ ମହାନ୍ତ(୨୨)।

ସୂଚନା ଅନୁଯାୟୀ, ସେମାନେ ବାଇକ୍‌ରେ ହରିଚନ୍ଦନପୁର ଥାନା ଅଧୀନ ଜାଲକାଣୀ ଗ୍ରାମରୁ ଫେରୁଥିଲେ। ରାଇବଣ ସାହି ବୁଲାଣି ରାସ୍ତାରେ ଭାରସାମ୍ୟ ହରାଇ ଏକ ବିଲ ଭିତରେ ପଡ଼ିଯାଇଥିଲେ। ବାଇକ୍ ତଳେ ଚାପି ହୋଇଯିବାରୁ ଘଟଣାସ୍ଥଳରେ ହିଁ ଲୋଚନଙ୍କ ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଲୋକେ ଢେଙ୍କିକୋଟ ଫାଣ୍ଡି ଅଧିକାରୀ ଈଶ୍ୱର ଚନ୍ଦ୍ର ପ୍ରଧାନଙ୍କୁ ଜଣାଇ ଗୁରୁତର ଗୁଲୁଙ୍କୁ ଡାକ୍ତରଖାନାକୁ ନେଇଯାଇଥିଲେ। ଫାଣ୍ଡି ଅଧିକାରୀ ଓ ମହିଳା କନଷ୍ଟେବଲ ନଳିନୀ ମହାନ୍ତ ସଦଳବଳ ପହଞ୍ଚି ମୃତଦେହ ଜବତ କରିଥିଲେ। ଏନେଇ ଘଟଗାଁ ଥାନାରେ ମାମଲା(ନଂ.୧୨୧/୨୧) ରୁଜୁ କରାଯାଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ବାଇକ୍ ଜବତ କରି ତଦନ୍ତ ଚଳାଇଛି।

## ପୁଅ ଆଗରେ ଚାଲିଗଲା ବାପାଙ୍କ ଜୀବନ

ଆନନ୍ଦପୁର,୩।୯(ସ୍ୱ.ପ୍ର.)

କେନ୍ଦୁଝର ଜିଲା ୫୩ ନଂ. ରାଜ୍ୟ ରାଜପଥର ଆନନ୍ଦପୁର ଥାନା ଅଧୀନ ଚାରିନାଳିଆଠାରେ ଏକ ଅଜଣା ଗାଡ଼ି ଧକ୍କାରେ ପୁଅ ଆଗରେ ବାପାଙ୍କ ଜୀବନ ଚାଲିଯାଇଛି। ଦୁର୍ଘଟଣାରେ ମୃତକଙ୍କ ୬ ବର୍ଷର ଶିଶୁପୁତ୍ର ଗୁରୁତର ଥିବାରୁ ଆନନ୍ଦପୁର ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି।

ସୂଚନା ଅନୁଯାୟୀ, ରାମଚନ୍ଦ୍ରପୁର ଥାନା ନୂଆଗଡ଼ ଗ୍ରାମର ଶିକ୍ଷକ ଗୌତମ ଦେହୁରୀ ତାଙ୍କ ବଡ଼ପୁଅକୁ ସାଙ୍ଗରେ ଧରି ବାଇକ୍‌ରେ ଭଦ୍ରକ ଜିଲା ବାରିକପୁର ଅଞ୍ଚଳରେ ଥିବା ଶ୍ୱଶୁର ଘରକୁ ସ୍ତ୍ରୀ ଓ ସାନପୁଅଙ୍କୁ ଆଣିବାକୁ ଯାଉଥିଲେ। ଚାରିନାଳିଆ ଛକଠାରେ ତାଙ୍କୁ ଏକ ଅଜଣା ଗାଡ଼ି ଧକ୍କା ଦେବାରୁ ଉଭୟ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ବାପ ପୁଅଙ୍କୁ ଆମ୍ବୁଲାନ୍ସରେ ଆନନ୍ଦପୁର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ଗୌତମଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ତଦନ୍ତ ଆରମ୍ଭ କରିଥିଲେ ସୁଦ୍ଧା ଖବର ଲେଖା ହେବା ବେଳକୁ ଧକ୍କା ଦେଇଥିବା ଗାଡ଼ି ସମ୍ପର୍କରେ କୌଣସି ସୂଚନା ମିଳିପାରି ନାହିଁ।

## ଟ୍ରେନ୍‌ରେ କଟି ଯୁବକ ଗୁରୁତର

ଭଦ୍ରକ ଅଫିସ,୩।୯

ଭଦ୍ରକ ଷ୍ଟେଶନ ନିକଟରେ ଶୁକ୍ରବାର ଭୋରରେ ଟ୍ରେନ୍‌ରେ କଟି ଜଣେ ଯୁବକ ଗୁରୁତର ହୋଇଛନ୍ତି। ତାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେ ହେଲେ ଭଦ୍ରକ ସନ୍ଥିଆ ନୀଳକଣ୍ଠପୁର ଅଞ୍ଚଳର ଜିତେନ୍ଦ୍ର ସିଂ। ସୂଚନା ଅନୁଯାୟୀ, ଜିତେନ୍ଦ୍ରଙ୍କ ଗୋଟିଏ ହାତ କଟି ଯାଇଥିବା ବେଳେ ରେଳଧାରଣା କଡ଼ରେ ଯନ୍ତ୍ରଣାରେ ଛଟପଟ ହେଉଥିଲେ। ରେଲୱେ ଥାନାଧିକାରୀ ବିକାଶ ରଞ୍ଜନ ସିଂ ପହଞ୍ଚି ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ଡାକ୍ତରଖାନାକୁ ପଠାଇଥିଲେ। ତେବେ ଚଳନ୍ତା ଟ୍ରେନ୍‌ରୁ ଖସି ପଡ଼ି ଏଭଳି ଘଟିଛି ନା ରେଳଧାରଣା ଅତିକ୍ରମ କରୁଥିବା ବେଳେ ସେ ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି, ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ରେଲୱେ ଥାନାଧିକାରୀ ସିଂ କହିଛନ୍ତି।

## ଦୁର୍ଘଟଣାରେ ଜଣେ ମୃତ

କୁଆମରା/ବୈଶିଙ୍ଗା, ୩।୯(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଖୁଣ୍ଟା ଓ ବୈଶିଙ୍ଗା ଥାନା ଅଞ୍ଚଳରେ ସଡ଼କ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ଖୁଣ୍ଟା ଥାନା ତଥା ଗୋପବନ୍ଧୁ ନଗର ବ୍ଲକ ପଶୁଦା ପଞ୍ଚାୟତର ମହୁଲିଆ ଛକରୁ ବେଲାକୁଟିକୁ ସଂଯୋଗ କରୁଥିବା ଜଙ୍ଗଲ ରାସ୍ତାରେ ଗୁରୁବାର ରାତିରେ ଦୁର୍ଘଟଣାରେ ଜଣେ ମାନସିକ ବିକୃତ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଖବର ପାଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଥାନାରେ ଏକ ମାମଲା (ନଂ.୨୬୧/୨୧) ରୁଜୁ ହୋଇଛି। ସେହିପରି ବୈଶିଙ୍ଗା ଥାନା ଅନ୍ତର୍ଗତ ୧୮ନଂ. ଜାତୀୟ ରାଜପଥର ଗଡ଼ଦେଉଳିଆ ଗ୍ରାମ ନିକଟରେ ଶୁକ୍ରବାର ଅପରାହ୍ନରେ ଏକ ଦ୍ରୁତଗାମୀ କାର୍ ଧକ୍କାରେ ଜଣେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସେ ହେଲେ ଉକ୍ତ ଗ୍ରାମର ପ୍ରଶାନ୍ତ ଭୂୟାଁ। ଚିକିତ୍ସା ପାଇଁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

# କଟକଣା ଭିତରେ ହେବ ଗଣେଶ ପୂଜା

ଭଦ୍ରକ ଅଫିସ,୩।୯

ସରକାରଙ୍କ ନିର୍ଦ୍ଦେଶ ଅନୁସାରେ କୋଭିଡ୍ କଟକଣା ମଧ୍ୟରେ ଭଦ୍ରକ ସହରରେ ଗଣେଶ ପୂଜା ପାଳନ କରାଯିବ ବୋଲି ଶୁକ୍ରବାର ଜିଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ବୈଠକରେ ସୂଚନା ଦିଆଯାଇଛି। ସଦ୍‌ଭାବନା ସଭାଗୃହରେ ଜିଲାପାଳ ତ୍ରିଲୋଚନ ମାଝିଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ଏସ୍‌ପି ଚରଣ ସିଂ ମୀନା, ଅତିରିକ୍ତ ଜିଲାପାଳ ମଧୁସୂଦନ ଦାଶ, ଉପଜିଲାପାଳ ପୀତାମ୍ବର ସାମଲ ପ୍ରମୁଖ ଅଧିକାରୀ ଯୋଗ ଦେଇଥିଲେ। ଭଦ୍ରକରେ ଦୀର୍ଘଦିନରୁ ପାଳନ ହୋଇଆସୁଥିବା ପୁରୁଣାବଜାର ବୁଢ଼ା, ଟୋକା ଗଣେଶ, କୁଆଁସର ପିଲା, ଛୁଆ ଓ କାଞ୍ଚନ ଗଣେଶ ପୂଜା କମିଟିର କର୍ମକର୍ତ୍ତାଙ୍କ ସହ ଅଧିକାରୀମାନେ ଆଲୋଚନା କରିଥିଲେ।

କୋଭିଡ୍ ମାର୍ଗଦର୍ଶିକା ଅନୁଯାୟୀ, ପୂଜା ମଣ୍ଡପର ତିନି ପାଖକୁ ଆବଦ୍ଧ କରାଯିବ। ସମ୍ମୁଖ ପାଖକୁ ମୂର୍ତ୍ତି ଦେଖି ହେଲା ଭଳି ଆବଦ୍ଧ କରାଯିବା ସହ ଜନସମାବେଶ ହେବ ନାହିଁ, ଦର୍ଶନ କି ପୂଜା ନିମନ୍ତେ ମଣ୍ଡପ ଭିତରକୁ ଜନସାଧାରଣଙ୍କୁ ଅନୁମତି ଦିଆଯିବ ନାହିଁ। କୌଣସି ପରିସ୍ଥିତିରେ ୭ ଜଣରୁ ଅଧିକ ଲୋକ ଏକାଠି ହେବେ ନାହିଁ। ଭସାଣି ଶୋଭାଯାତ୍ରା, ମେଲୋଡ଼ି ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ ସହ ଡାକବାଜି ଯନ୍ତ୍ର ମନା। ମଣ୍ଡପ ବ୍ୟତୀତ ଅନ୍ୟ କୌଣସି କ୍ଲବ କିମ୍ବା ଛକ ସ୍ଥାନରେ ପୂଜା ଅନୁଷ୍ଠିତ ହୋଇପାରିବ ନାହିଁ। ପୂଜା ଆୟୋଜନ ପୂର୍ବରୁ କମିଟି କର୍ମକର୍ତ୍ତା ଅଧିକାରୀଙ୍କଠାରୁ ଅନୁମତି ନେବେ। ମୂର୍ତ୍ତିଗୁଡ଼ିକର ଉଚ୍ଚତା ୪ ଫୁଟରୁ ଅଧିକ ହେବ ନାହିଁ। ପୂଜା ଉତ୍ସବ, ଘଟୋତ୍ତଳନ କି ବିସର୍ଜନ ନିରାଡ଼ମ୍ବରରେ ଆୟୋଜନ କରାଇବାକୁ ଏସ୍‌ପି ସମସ୍ତ ପୂଜା କମିଟି କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଛନ୍ତି। କୌଣସି ଭୋଜିଭାତ, ସାମୂହିକ ପ୍ରସାଦ ସେବନ ପାଇଁ ଅନୁମତି ନାହିଁ ବୋଲି ମଧ୍ୟ ସେ ଦର୍ଶାଇଥିଲେ। ଏ ଦିଗରେ ପ୍ରଶାସନକୁ ପୂର୍ଣ୍ଣ ସହଯୋଗ କରିବେ ବୋଲି ପୂଜା କମିଟି କର୍ମକର୍ତ୍ତା ମତ ରଖିଥିଲେ। ଘଟ ଉତ୍ତୋଳନ ସ୍ଥାନ, ପୂଜାସ୍ଥଳୀ ଆଦି ଜାଗାରେ ସଫେଇ ପାଇଁ କର୍ମକର୍ତ୍ତାଙ୍କ ଅନୁରୋଧ କ୍ରମେ ଜିଲାପାଳ ପୌରପାଳିକା ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଡିଆଇବି ଡିଏସ୍‌ପି କମଳ ଲୋଚନ ଭୂୟାଁ ଗତବର୍ଷ ପୂଜା ସମୟର କ୍ଷେତ୍ର ଅନୁଭୂତି ଉପସ୍ଥାପନ କରିଥିଲେ। ଏସ୍‌ଡିପିଓ ସାର୍ଥକ ରାୟ, ଟାଉନ ଥାନାଧିକାରୀ ଉମାଶଙ୍କର ନାୟକ, ପୁରୁଣାବଜାର ଥାନାଧିକାରୀ ପ୍ରକାଶ ଚନ୍ଦ୍ର ପୃଷ୍ଟି ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।



ବୈଠକରେ ଜିଲାପାଳ ତ୍ରିଲୋଚନ ମାଝି, ଏସ୍‌ପି ଚରଣ ସିଂ ମୀନା ଓ ଅନ୍ୟମାନେ।

## ୩ ପୋଲିସ ପାଇବେ ମୁଖ୍ୟମନ୍ତ୍ରୀ ପଦକ

ଭଦ୍ରକ ଅଫିସ, ୩।୯

ଭଦ୍ରକ ଜିଲାର ୩ ପୋଲିସ ମୁଖ୍ୟମନ୍ତ୍ରୀ ପଦକ ପାଇବେ। ଡିଆଇବି ଡିଏସ୍‌ପି କମଳ ଲୋଚନ ଭୂୟାଁ, ଏସ୍‌ଆଇ ମହମ୍ମଦ ହାଫିଜ, ଇନ୍ସପେକ୍ଟର ସୁକାନ୍ତି କେରେଇଙ୍କୁ ତଦନ୍ତ, ଦକ୍ଷତା ଓ କାର୍ଯ୍ୟଶୈଳୀ ପାଇଁ ମୁଖ୍ୟମନ୍ତ୍ରୀ ପଦକ ପ୍ରଦାନ ଲାଗି ଚୟନ କରାଯାଇଥିବା ସୂଚନା ମିଳିଛି।

## ଧରାପଡ଼ିଲେ ମୋବାଇଲ ଚୋର

ବଡ଼ବିଲ,୩।୯(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡ଼ବିଲ ପୁରୁଣା ବସ୍‌ଷ୍ଟାଣ୍ଡ ନିକଟସ୍ଥ ପଦ୍ମା ଇନ୍ ହୋଟେଲରୁ ଗୁରୁବାର ରାତିରେ ଦୁଇଟି ମୋବାଇଲ ଚୋରି ହୋଇଥିଲା। ସିସିକ୍ୟାମେରା ଯୋଗୁ ଶୁକ୍ରବାର ଅଭିଯୁକ୍ତ ଧରାପଡ଼ିଛନ୍ତି। ସେ ହେଲେ ବଡ଼ବିଲ ବାକଲ ହଟିଂ ଅଞ୍ଚଳର ସଞ୍ଜୟ ମହାନ୍ତ। ଉକ୍ତ ହୋଟେଲ ପରିସରରେ ରହୁଥିବା କର୍ମଚାରୀମାନଙ୍କର ଦୁଇଟି ମୋବାଇଲ ଚୋରି ହୋଇଥିବା ସକାଳେ ଜଣାପଡ଼ିଥିଲା। ପୋଲିସ ତଦନ୍ତ ଚଳାଇ ସଞ୍ଜୟଙ୍କୁ ଗିରଫ କରିବା ସହ ଚୋରି ୨ ମୋବାଇଲ ଉଦ୍ଧାର କରିଥିଲା। ଏନେଇ ପୋଲିସ ମାମଲା (ନଂ.୧୫୯/୨୦୨୧) ରୁଜୁ କରିଛି।

# ଟୋଲ୍‌ଗେଟକୁ ନେଇ ବଢୁଛି ଅସନ୍ତୋଷ

- ନିୟମ ଭାଙ୍ଗୁଛନ୍ତି ଜାତୀୟ ରାଜପଥ କର୍ତ୍ତୃପକ୍ଷ
- ଆନ୍ଦୋଳନ ଚେତାବନୀ

ଯୋଡ଼ା,୩।୯(ଡି.ଏନ.ଏ.)

କେନ୍ଦୁଝର ଜିଲାରେ ଟୋଲ୍‌ଗେଟ ନିୟମ ଭାଙ୍ଗୁଛି ଜାତୀୟ ରାଜପଥ ବିଭାଗ। ନିର୍ଦ୍ଧାରିତ ଦୂରତ୍ୱଠାରୁ କମ୍ ଦୂରତାରେ ବେନିୟମ ଭାବେ ଟୋଲ୍‌ଗେଟ ବସାଇ ଲୋକଙ୍କଠାରୁ ଟଙ୍କା ଆଦାୟ କରୁଛି। ଯାହାଫଳରେ ଜିଲାବାସୀ ଟୋଲ୍‌ଗେଟରେ ଟଙ୍କା ଦେଇ ହନ୍ତସନ୍ତ ହେଉଛନ୍ତି। ପୁଣି କମ୍ ଦୂରତାରେ ୫୨୦ନଂ. ଜାତୀୟ ରାଜପଥର ବିଲେଇପଦାର କାରଣସାହିଠାରେ ଅନ୍ୟ ଏକ ଟୋଲ୍‌ଗେଟ ନିର୍ମାଣ କରାଯାଉଛି। ଏହାକୁ ବନ୍ଦ ନ କଲେ ଜନ ଆନ୍ଦୋଳନ କରାଯିବ ବୋଲି ଶୁକ୍ରବାର ବିଲେଇପଦାଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ୨୮ନଂ. ଜୋନ ନାଗରିକ ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି। ଉକ୍ତ ଖବରଦାତା ସମ୍ମିଳନୀରେ ଦେଓଝର ସରପଞ୍ଚ ମଙ୍ଗଳ ମୁଣ୍ଡା, ପୂର୍ବତନ ସରପଞ୍ଚ ଜନାର୍ଦ୍ଦନ ନାଏକ, ସମିତି ସଭ୍ୟ ଯୁଧିଷ୍ଠିର ପଲେଇ, ଅଁଶେଇକଳା ସରପଞ୍ଚ ଦିଲ୍ଲୀପ ନାଏକ, ସମିତି ସଭ୍ୟ ଦେବେନ୍ଦ୍ର ମୁଣ୍ଡା,ପୂର୍ବତନ ଜିଲା ପରିଷଦ ସଭ୍ୟ ବୀର ନାଏକ, ବରିଷ୍ଠ ନାଗରିକ ବେଣୁମାଧବ ନାଏକ, ଟାଟାଷ୍ଟିଲ ଲଙ୍ଗ ପ୍ରଡ଼କ୍ଟ ଶ୍ରମିକ ସଂଘର ସମ୍ପାଦକ ଦେବେନ୍ଦ୍ର ବାରିକ, ଯୁବସଂଗଠକ ମନବୋଧ ବେହେରା, ଚମକ ସରପଞ୍ଚ ନରହରି ନାଏକ ଉପସ୍ଥିତ ଥିଲେ। ମଞ୍ଚର ସଦସ୍ୟମାନେ ଅଭିଯୋଗ କରିଛନ୍ତି ଯେ, କେନ୍ଦୁଝର ଜିଲା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। କେନ୍ଦ୍ରସରକାରଙ୍କ ପକ୍ଷରୁ ଜାତୀୟରାଜପଥ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବା ବେଳେ ଜିଲାରେ ୩ଟି ଟୋଲ୍‌ଗେଟ କରି ଲୋକଙ୍କୁ ଶୋଷଣ କରାଯାଉଛି। ନିୟମ ଅନୁଯାୟୀ ୬୦ କି.ମି ବ୍ୟବଧାନରେ ଗୋଟିଏ ଟୋଲ୍‌ଗେଟ ହେବା କଥା। ମାତ୍ର ୫୨୦ନଂ. ଜାତୀୟରାଜପଥର ବିଲେଇପଦାର କାରଣସାହିଠାରୁ ଅନ୍ୟ ଏକ ଟୋଲ୍‌ଗେଟ ରହିଥିବା ବନାଯୋଡ଼ିକୁ ଦୂରତା ୪୭ କି.ମି ରହିଛି। କାହା ସ୍ୱାର୍ଥରେ କମ୍ ଦୂରତାରେ ଟୋଲ୍‌ଗେଟ କରାଯାଉଛି ବୋଲି ନାଗରିକ ମଞ୍ଚର ସଦସ୍ୟମାନେ ପ୍ରଶ୍ନ କରିଛନ୍ତି। ଏହି ଟୋଲ୍‌ଗେଟ ନିର୍ମାଣକୁ ବନ୍ଦ ନ କଲେ ବ୍ୟାପକ ଜନଆନ୍ଦୋଳନ କରାଯିବ ବୋଲି ସେମାନେ କଡ଼ା ଚେତାବନୀ ଦେଇଛନ୍ତି।


ଖବରଦାତା ସମ୍ମିଳନୀରେ ଉପସ୍ଥିତ ନାଗରିକ ମଞ୍ଚର ସଦସ୍ୟ।

